**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**7 MAY - 2026**

# ମୁଖ୍ୟମନ୍ତ୍ରୀଙ୍କ ଗୁଜୁରାଟ ଗସ୍ତ

ଦେଶର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଉପକୂଳ ଗୁଡ଼ିକରେ ବନ୍ଦରଭିତ୍ତିକ ବିକାଶ ଏକ ନିର୍ଣ୍ଣାୟକ ଭୂମିକା ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗୁଜୁରାଟ ଗସ୍ତର ଦ୍ୱିତୀୟ ଦିନରେ ଗତକାଲି ମୁନ୍ଦ୍ରା ବନ୍ଦର ପରିଦର୍ଶନ ଅବସରରେ ଶିଳ୍ପପତିମାନଙ୍କୁ ସମ୍ବୋଧନ କରି କହିଛନ୍ତି ପଶ୍ଚିମ ଉପକୂଳର ଦକ୍ଷତା ଏବଂ ପୂର୍ବ ଉପକୂଳର ସୁଯୋଗକୁ ସମନ୍ୱିତ କରି ଶିଳ୍ପ ସଂପ୍ରସାରଣ କରାଯିବା ନେଇ ସରକାର ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଞ୍ଜିନିବେଶର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଗତକାଲି ସୁଦ୍ଧା ୮ଲକ୍ଷ କୋଟି ୩୭ଲକ୍ଷ ଟଙ୍କାର ୪୩୩ଟି ନିବେଶ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ଲାଭ କରିଛି । ସେଥିମଧ୍ୟରୁ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ୧୪୮ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି ।

# ବିକଶିତ ଓଡ଼ିଶା

୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସରକାରଙ୍କର ଦୃଷ୍ଟିକୋଣ ନୂତନ ଗତି ଧାରଣ କରିଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଭୁବନେଶ୍ୱର

ଓଡ଼ିଶା ଅର୍ବାନ୍ ଏକାଡେମୀରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଲୋକମାନଙ୍କର ଜୀବନ ଧାରଣର ମାନ, ଜୀବିକା ଓ ବିଭିନ୍ନ କ୍ଷେତ୍ରରେ ଦେଖାଦେଉଥିବା ପରିବର୍ତ୍ତନ ହେଉଛି ସରକାରଙ୍କର ସଫଳତାର ପରିଚୟ । ୨୦୩୬ ମସିହା ସୁଦ୍ଧା ସହରାଞ୍ଚଳର ୮୦ପ୍ରତିଶତ ଲୋକଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ସରକାରଙ୍କର ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

# ସଚେତନତା ଶିବିର

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଚଳିତ ଆର୍ଥିକ ବର୍ଷ ପାଇଁ କୃଷି ବିକାଶ କାର୍ଯ୍ୟକଳାପ ଉପରେ ଏକ ବ୍ଲକସ୍ତରୀୟ ସଚେତନତା ଅଭିଯାନ ବିଧାୟକ ମଙ୍ଗୁ ଖିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୧୮ଟି ଗ୍ରାମପଞ୍ଚାୟତର ସରପଞ୍ଚମାନେ ଭାଗ ନେଇଥିଲେ । ସମନ୍ୱିତ କୃଷି ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ବଳଭଦ୍ର ଜୈବିକ ଚାଷ ମିଶନ ଏବଂ ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ପୁର୍ନରୁଦ୍ଧାର ଓ ସ୍ଥାୟୀତ୍ୱ ଭଳି ପ୍ରମୁଖ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସରପଞ୍ଚମାନଙ୍କୁ ସଚେତନ କରାଇବା ନେଇ କର୍ମଶାଳାରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ରବିଧାନ କ୍ରୟ ଆରମ୍ଭ

ସୁବର୍ଣ୍ଣପୁର ଜିଲ୍ଲାରେ ଚଳିତମାସ ୨୨ ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ଯୋଗଦେଇ ଧାନସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ନେଇ ଗୁରୁତ୍ୱାରୋପ କରିଥିଲେ । ଧାନକ୍ରୟ ସମୟରେ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସେଗୁଡ଼ିକର ସମାଧାନ କିପରି କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

# କର୍ମଶାଳା

ନୂଆପଡ଼ା ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ପକ୍ଷରୁ 'ଅନ୍‌ଲାଇନ୍ ସୁରକ୍ଷା, ସାଇବର ଅପରାଧ ଓ ଡିଜିଟାଲ ବୁଲିଂ' ସମ୍ବନ୍ଧରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ । ସାଇବର ଠକେଇରୁ ବର୍ତ୍ତିବା ଏବଂ ସଚେତନ ରହିବା ଓ ଏହାର ପ୍ରତିକାର ସମ୍ବନ୍ଧରେ ଜିଲ୍ଲାପାଳ ଶ୍ରୀ ଦାସ ସୂଚନା ଦେଇଥିଲେ । ସଡ଼କ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ନିୟମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଆଥଲେଟିକ୍ସ ଦିବସ

ଶାରୀରିକ ସୁସ୍ଥତା ପ୍ରଚାର, ଆଥଲେଟିକ୍ସରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଏବଂ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନଯାପନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆଜି ବିଶ୍ୱ ଆଥଲେଟିକ୍ସ ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ମଇ ମାସ ୭ ତାରିଖରେ ଏହି ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଆଥଲେଟିକ୍ସ ଦିବସ ପାଳନ କରାଯାଇଥିଲା। ସମସ୍ତଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସକ୍ରିୟ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ପାଇଁ ଆନ୍ତର୍ଜାତିକ ଆମେଚର ଆଥଲେଟିକ୍ସ ଫେଡେରେସନ୍-ଆଇ.ଏ.ଏ.ଏଫ୍. ପକ୍ଷରୁ ଏହି ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ଆଥଲେଟିକ୍ସ ଦିବସର ବିଷୟବସ୍ତୁ ହେଉଛି 'କ୍ରୀଡ଼ା : ସେତୁ ନିର୍ମାଣ, ପ୍ରତିବନ୍ଧକ ଭାଙ୍ଗିବା' ।

## ପାଣିପାଗ

ଓଡ଼ିଶା ଉପରେ ବର୍ତ୍ତମାନ ଘୂର୍ଣ୍ଣିବଳୟ ଏବଂ ନିମ୍ନ ଚାପରେଖା ସକ୍ରିୟ ନଥିବାରୁ ଆଜିଠାରୁ ରାଜ୍ୟରେ କାଳବୈଶାଖୀର ପ୍ରଭାବ କମିବ । ତଥାପି ବଙ୍ଗୋପସାଗରରୁ ରାଜ୍ୟକୁ ଜଳୀୟବାଷ୍ପ ବାୟୁ ପ୍ରବେଶ କରୁଥିବାରୁ କାଳବୈଶାଖୀର ପ୍ରଭାବ ବିଭିନ୍ନ ସ୍ଥାନରେ ଲାଗିରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ସୂଚନା ଅନୁସାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଉପକୂଳ ଓ ଦକ୍ଷିଣ ଭାଗରେ କାଳବୈଶାଖୀ ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି । ଗଞ୍ଜାମ ଜିଲ୍ଲାରେ ଗତକାଲି ୭୬ ଦଶମିକ ୨ ମିଲିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି ।

ଅନ୍ୟପକ୍ଷରେ ଚଳିତମାସ ଦ୍ୱିତୀୟ ସପ୍ତାହ ଆଡକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ନେଇ ବିଭିନ୍ନ ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥା ଅନୁମାନ କରିଛନ୍ତି ।